# Akashvani, Sambalpur

## SAMBALPURI NEWS EVENING BULLETIN

**17 December 2024- 7.02 pm- 7.12 pm.**

***************************************************

୧- ଗୁଟେ ଦେଶ୍ ଗୁଟେ ନିର୍ବାଚନ୍ ବିଲ୍‌କେ ୨ ଶହ ୬୯ ଝନ୍ ସାଂସଦଙ୍କର୍ ମିଲ୍‌ଲା ସମ୍ମତି ।

୨- କେଜି ନୁ ପିଜି ତକ୍ ସାନ୍ତାଳି ଭାଷାଥି ଶିକ୍ଷା ଦେବାର୍ ଲାଗି ସର୍‌କାର୍ ଚିନ୍ତା କରୁଛନ୍- କହେଲେ ମୁଖ୍ୟମନ୍ତ୍ରୀ ।

୩- ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି କାମ୍ ଆଏଜ୍‌ଠାନୁ ହେଲା ମୁଲ୍ ।

ଆଉର୍

୪- ଭୁବ୍‌ନେଶ୍ୱର୍ ନ ଚାଲିଥିବା ରାଜ୍ୟ ପୁସ୍ତକ ମହୋତ୍ସବ୍-୨୦୨୪ ଆଏଜ୍ ହେଉଛେ ଶେଷ୍ ।

ଗୁଟେ ଦେଶ୍ ଗୁଟେ ନିର୍ବାଚନ୍ ବିଲ୍ ଆର୍‌ଏନ୍‌ୟୁ/ କଟକ୍

ଗୁଟେ ଦେଶ୍ ଗୁଟେ ନିର୍ବାଚନ୍ ବିଲ୍ ଆଏଜ୍ ଲୋକ୍‌ସଭା ନ ଉପସ୍ଥାପନ୍ କରାଯାଇଛେ । ଲୋକ୍‌ସଭା ନ ୨ ଶହ ୬୯ ଝନ୍

ସାଂସଦ୍ ବିଲ୍ ସପକ୍ଷେ ଭୋଟ୍ ଦେଇଥିବାର୍ ବେଲେ ଶହେ ୯୮ ଝନ୍ ଇତାର୍ ବିପେକ୍ଷଥି ଭୋଟ ଦେଇଥିଲେ । ଇ  ବିଲ୍ ଉପ୍ରେ ଭୋଟିଂ ହେବାର୍ ଉତରୁ ବାଚସ୍ପତି ଓମ୍ ବିର୍ଲା ଉପର୍‌ବେଲା ୩ ବଜୁ ଗୃହ ମୁଲ୍‌ତବୀ ରଖିଛନ୍ ।

କେନ୍ଦ୍ର ଆଇନ୍‌ମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘୱାଲ୍ ଆଏଜ୍ ସଖାଲ୍‌ବେଲା ବିଲ୍‌କେ ଲୋକ୍‌ସଭା ନ ଆଗତ୍ କରିଥିଲେ । ଦେଶେ ରାଏଜ୍ ଆର୍ କେନ୍ଦ୍ର ସର୍‌କାର୍ ଗଠନ୍ ଲାଗି ଏକାସଙ୍ଗେ ନିର୍ବାଚନ୍ କର୍‌ବାର୍ ସପକ୍ଷଥି ଗଲା ହପ୍ତା କେନ୍ଦ୍ର କେବିନେଟ୍ ସ୍ୱୀକୃତି ଦେଇଥିଲା । ଗୁଟେ ଦେଶ୍ ଗୁଟେ ନିର୍ବାଚନ୍ ବିଲ୍ ଯୁଗ୍ମ ସଂସଦୀୟ କମିଟିକେ ପଠାଯାଉ ବଲିକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ହେନ୍ତା ଯୁଗ୍ମ ସଂସଦୀୟ କମିଟି ନ ବିଲ୍ ଉପ୍ରେ ଟିକିନିଖି ଆଲୋଚନା କର୍‌ବାର୍‌କେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭିଲ୍ କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରଣ୍ ରିଜିଜୁ କହିଛନ୍ ଯେ, ଇ ବିଲ୍ କେନ୍‌ସି ଦଲ୍ କି ବ୍ୟକ୍ତିଙ୍କର୍ ଲାଗି ନୁହେଁ, ଇଟା ଦେଶର୍ ହିତ୍ ଲାଗି ଆଏ । ବିଜେପି ନେତୃତ୍ୱାଧୀନ ସର୍‌କାର୍‌ଙ୍କର୍ ସହଯୋଗୀ ଦଲ୍ ଜେଡ଼ିୟୁ, ଟିଡିପି, ଶିବସେନା ଆର୍ ଅଲ୍‌ଗା ଦଲ୍ ମାନେ ବିଲ୍‌କେ ସମର୍ଥନ୍ କରିଥିଲା ବେଲେ କଂଗ୍ରେସ୍, ଡିଏମ୍‌କେ, ସମାଜ୍‌ବାଦୀ ପାର୍ଟି, ବିଲ୍‌କେ ପ୍ରତ୍ୟାହାର୍ କର୍‌ବାର୍ ଲାଗି ଦାବି କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗୁଟେ ଦେଶ୍ ଗୁଟେ ନିର୍ବାଚନ୍ ବିଲ୍ ଅନାଯାଇକରି ସମ୍ବିଧାନ୍‌ର ଧାରା ୧୨୯ ର ସଂଶୋଧନ୍ ଲାଗି ଆଏଜ୍ ପ୍ରସ୍ତାବ୍ ଆଗତ୍ କରାଯାଇଛେ । ଗୁଟେ ଦେଶ୍ ଗୁଟେ ନିର୍ବାଚନ୍ ବିଲ୍‌ଥି ଲୋକ୍‌ସଭା ସଙ୍ଗେ ବିଧାନ୍‌ସଭା ଭୋଟ୍ କର୍‌ବା ଆର୍ ତାର୍ ଉତାରୁ ଶହେ ଦିନ୍ ଭିତ୍‌ରେ ସହର୍ ଆର୍ ଗାଁ ଇଲାକା ନ ଲୋକପ୍ରତିନିଧି ନିର୍ବାଚନ୍ ଲାଗି ପ୍ରସ୍ତାବ୍ ରହିଛେ ।

ସାନ୍ତାଳି ଲେଖକ୍ ସମ୍ମିଳନୀ- ମୁଖ୍ୟମନ୍ତ୍ରୀ ସିଏମ୍ଓ

କେଜି ନୁ ପିଜି ତକ୍ ସାନ୍ତାଳି ଭାଷାଥି ଶିକ୍ଷା ଦେବାର୍ ଲାଗି ସର୍‌କାର୍ ଚିନ୍ତା କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ କେନ୍ଦୁଝର୍‌ର ଅଶୋକ ବାଟିକା ଠାନେ ସର୍ବଭାରତୀୟ ସାନ୍ତାଳି ଲେଖକ୍ ସଂଘ ଓଡ଼ିଶା ଶାଖାର୍ ୭ ନମ୍ବର୍ ବାର୍ଷିକ ସମ୍ମିଳନୀକେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ସେନ୍ତା ଅଲିଚିକି ଲିପିର୍ ସ୍ରଷ୍ଟା ଗୁରୁ ଗମ୍‌କେ ପଣ୍ଡିତ୍ ରଘୁନାଥ ମୁର୍ମୁଙ୍କୁ ସୁର୍‌ତା କରିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ୨୦୨୫ କେ ଇ ଲିପି ସୃଷ୍ଟି ହେବାର୍ ଶହେ ବଛର୍ ପୁରୁଛେ । ଇଟାକେ ଗୁଟେ ମିଶନ୍ ଭାବେ ନେଇକରି 'ମିଶନ୍ ଅଲିଚିକି-୨୦୨୫' କେ ସଫଲ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍

ଦେଇଛନ୍ । ସାନ୍ତାଳି ଭାଷାକେ ଭାରତୀୟ ସମ୍ବିଧାନ୍‌ର ଅଷ୍ଟମ ଅନୁଚ୍ଛେଦ୍ ନ ସାମିଲ୍ କର୍‌ବାର୍‌ଥି ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀଙ୍କର୍ ଅବଦାନ୍ କେତ୍‌ନିକେତେ ଥିଲା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ଆଏଜ୍‌ଠାନୁ ୩ ଦିନିଆ କେନ୍ଦୁଝର୍ ଗସ୍ତଥି ଯାଇଛନ୍ । ଆଏବାକାଏଲ୍ ଆର୍ ପର୍‌ଦିନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ଜାନୁଆରୀ ମାସେ ଦୁଇ ଥର୍ ଓଡ଼ିଶା ଗସ୍ତଥି ଆସ୍‌ବେ । ଇ ବିଷେଥି ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ଭୁବ୍‌ନେଶ୍ୱର୍ ନ ଜାନୁଆରୀ ୮ ନୁ ୧୦ ତାରିଖ୍‌ତକ୍ ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ଦିବସ୍‌ଥି ପ୍ରଧାନ୍‌ମନ୍ତ୍ରୀ ଯୋଗ୍ ଦେବେ । ହେନ୍ତା ଜାନୁଆରୀ ୨୮ ଆର୍ ୨୯ ତାରିଖ୍ ଦିନ ହେବାର୍‌କେ ଥିବା ଉତ୍କଳ ଓଡ଼ିଶା କନ୍‌କ୍ଲେଭ୍‌ଥି ଭିଲ୍ ପ୍ରଧାନ୍‌ମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପ୍ରବାସୀ ଭାରତୀୟ ଦିବସ          ପୁରୀ ସମ୍ବାଦଦାତା

ଜାନୁୟାରୀ ୮ନୁ ୧୦ ତାରିଖ୍ ତକ୍ ଓଡ଼ିଶାନେ ହେବାର୍ କେ ଯାଉଛେ ପ୍ରବାସୀ ଭାରତୀୟ ଦିବସ । ଇ କାର୍ଯ୍ୟକ୍ରମ ଭୁବନେଶ୍ୱର ନ ହେବାରକେ ଥିଲେ ବି ପ୍ରବାସୀ ଭାରତୀୟଙ୍କର ଲାଗି ପୁରୀ ଗୁଟେ ବଡ଼ ଆକର୍ଷଣର କେନ୍ଦ୍ର ହେବା । ଇଟାକେ ନଜର୍‌ଥି ରଖିକରି ଆର୍ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ୍ କର୍‌ବାର ଲାଗି ପୁରୀ ଜିଲ୍ଲା ପ୍ରଶାସନ ତର୍‌ଫୁଁ ଖାସ୍ ତୟାରି ମୁଲ୍ ହେଇଛେ । ଇତାକେ ନେଇକରି ପୁରୀ ସର୍କିଟ୍ ହାଉସ୍‌ନେ ଆଏଜ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଗୁଟେ ବୈଠକ୍ କରିକରି ପ୍ରସ୍ତୁତିର ସମୀକ୍ଷା କରିଛନ୍ । ଇନ୍‌କେ ଆସୁଥିବା  ପ୍ରବାସୀ ଭାରତୀୟମାନ୍‌କୁଁ ଓଡ଼ିଆ ପରମ୍ପରା ଅନ୍‌ସାରେ ସ୍ୱାଗତ୍ କରିକରି ଭିନ୍ ଭିନ୍ ପର୍ଯ୍ୟଟନ୍ ସ୍ଥଳ୍ ବୁଲାବାର୍ ବ୍ୟବସ୍ଥା କରାଯିବା ।

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି          ପୁରୀ ସମ୍ବାଦଦାତା

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି କାମ୍ ଆଏଜ୍ଠାନୁ ମୁଲ୍ ହେଇଛେ । ରାଜ୍ୟ ସର୍କାର୍ଙ୍କର୍ ଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନ୍ସାରେ ଭିତର ରତ୍ନଭଣ୍ଡାର୍ ଘରର୍ ଚାବି ଖୁଲାଯାଇଥିବାର୍ ବେଲେ ଏଏସ୍ଆଇର କୁଶଳୀ ଶ୍ରମିକଙ୍କର୍ ଦ୍ୱାରା ଭାଡ଼ା ବନ୍ଧା କାମ୍ ମୁଲ୍ ହେଇଛେ । ମରାମତି କାମ୍ କର୍ବାର୍ ଲାଗି ୨୦ ଫୁଟ୍ ଉଛାର୍ ଲୁହାର୍ ଭାଡ଼ା ବନ୍ଧା ହେଇଛେ । ଇଟା ବେଭାର୍ କରିକରି କାନ୍ଥି, ଛାତ୍ ଆର୍ ଭିନ୍ ଭିନ୍ ଠାନେ ଥିବାର୍ ଫାଟକେ ମରାମତି କରାଯିବା । ମହାପ୍ରଭୁଙ୍କର୍ ଦିବା ପହୁଡ଼ ନୀତି ରହୁଥିବାର୍ନୁ ଆଏବା କାଏଲ୍ ମରାମତି କାମ୍ ବନ୍ଦ୍ ରହେବା । ପରଦିନୁ ଫେର୍ଘାଏ ମରାମତି କାମ୍ ମୁଲ୍ କରାଯିବା । ମରାମତି ସମିଆଥି ଏସ୍ଆଇ ଅଧିକ୍ଷକ, ଏଏସ୍ଆଇ ପୁରୀ ସର୍କଲ୍ ଅଧିକାରୀ ଉପସ୍ଥିତ୍ ଥିଲେ । ଆଏବା ୩ ମାସ୍ ଭିତ୍ରେ ରତ୍ନଭଣ୍ଡାର୍ ମରାମତି କାମ୍ ଶେଷ୍ କର୍ବାର୍ ଲାଗି ଲକ୍ଷ୍ୟ ଧାରିଜ୍ ହେଇଛେ ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ I&PR

ଭୁବ୍ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆ ନ ଚାଲିଥିବା ୬ ନମ୍ବର୍ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ୍-୨୦୨୪ ଆଏଜ୍ ଶେଷ୍

ହେଉଛେ । ଇ ଅବ୍ସରେ ହେଉଥିବା ଉଦ୍ଯାପନୀ ସମାରୋହଥି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉପସ୍ଥିତ୍ ରହେବେ । ଇତାର୍ସହେତେ ବହୁତ୍ଟେ ଆଗ୍ ଧାଡ଼ିର୍ ସାହିତ୍ୟିକ୍ ମାନେ ଭିଲ୍ ଯୋଗ୍ ଦେବେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୬ ତାରିଖ୍ନୁ ରାଜ୍ୟ ପୁସ୍ତକ୍ ମହୋତ୍ସବ୍ ମୁଲ୍ ହେଇଥିଲା । ଇଥି ଭିନ୍ ଭିନ୍ ପ୍ରକାଶକ ସଂସ୍ଥା ମାନେ ତାଙ୍କର୍ ବହି ଷ୍ଟଲ୍ ଖୁଲିଥିଲେ ।

ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜୟନ୍ତୀ I&PR

ଓଡ଼ିଶାର୍ ବରପୁତ୍ର ମହାରାଜ୍ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କର୍ ଜୟନ୍ତୀ ଉଧେ ରାଏଜ୍ ସାରା ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛେ । ଆଏଜ୍ ସଖାଲେ ଭୁବ୍ନେଶ୍ୱର୍ ପାୱାର୍ ହାଉସ୍ ଛକ୍ଠାନେ ସୂଚନା ଲୋକସମ୍ପର୍କ ବିଭାଗ୍ ତର୍ଫୁ ମହାରାଜ୍ଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯାଇଥିଲା । ଇ କାର୍ଯ୍ୟକ୍ରମ୍ଥି ଜଙ୍ଗଲ୍, ପରିବେଶ୍ ଆଉ ଜଲ୍ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଆର୍ ବିଭାଗର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ I&PR

ଭୁବନେଶ୍ୱର୍ ଆଦିବାସୀ ପଡ଼ିଆ ନ ଆଏବାକାଏଲ୍‌ନୁ ୩ ଦିନ୍‌ତକ୍ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ୍ -୨୦୨୪ ମୁଲ୍ ହେବାର୍‌କେ ଯାଉଛେ । ଇ ବଛର୍ ୩୦ ଟା ଜିଲ୍ଲାନୁ ୩ ଶହ ୫୧ ଝନ୍ ଛାତ୍ର, ୭ ଶହ ୩୧ ଛାତ୍ରୀ ଆର୍ ଶହେ ୩୯ ଝନ୍ କ୍ରୀଡ଼ା ଶିକ୍ଷକ ଆର୍ ମାର୍ଗଦର୍ଶୀ ଶିକ୍ଷକ୍ ଯୋଗ୍ ଦେବେ । ଇତାର୍‌ସଙ୍ଗେ ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆର୍ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍ ତର୍‌ଫୁ ୧୦ କ୍ଲାସ୍ ବୋର୍ଡ଼ ପରୀକ୍ଷାଥି ଭଲ୍ ପ୍ରଦର୍ଶନ୍ କରିଥିବା ଶହେ ଝନ୍ ଛାତ୍ରଛାତ୍ରୀଙ୍କୁ ଇଥି ସମ୍ମାନିତ୍ କରାଯିବା । ସେନ୍ତା ଭଲ୍ ପ୍ରଦର୍ଶନ୍ କରିଥିବା ୫୦ ଟା ହାଇସ୍କୁଲ୍‌କେ ଭିଲ୍ ସମ୍ମାନିତ୍ କରାଯିବା । ଇ ସମାରୋହଥି ପଂଚାୟତ୍‌ରାଜ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଯୋଗ୍ ଦେବେ ।

ଫିଟ୍ ଇଣ୍ଡିଆ ସାଇକଲ୍ ଚାଲ୍‌ନା ପି.ଆଇ.ବି.

କେନ୍ଦ୍ର ଯୁବ ବ୍ୟାପାର୍ ଆର୍ କ୍ରୀଡ଼ାମନ୍ତ୍ରୀ ଡକ୍ଟର୍ ମନ୍ସୁଖ୍ ମାଣ୍ଡଭିୟ ଆଏଜ୍ ଫିଟ୍ ଇଣ୍ଡିଆ ସାଇକଲ୍ ଚାଲ୍ନା କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିଛନ୍ । ସାଇକ୍ଲିଂ ଫେଡ଼େରେସନ୍ ଅଫ୍ ଇଣ୍ଡିଆ, ମାଇଁ ଭାରତ୍, ଆଂଚଲିକ୍ ସାଇ ଜାତୀୟ ଉତ୍କର୍ଷ କେନ୍ଦ୍ର, ଖେଲୋ ଇଣ୍ଡିଆ କେନ୍ଦ୍ର, ଆର୍ ଜିଲ୍ଲା ପ୍ରଶାସନ୍ର ମିଲିତ୍ ସହଯୋଗ୍ଥି ଯୁବ ବ୍ୟାପାର୍ ଆର୍ କ୍ରୀଡ଼ା ମନ୍ତ୍ରଣାଳୟ ତର୍ଫୁ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ୧ ହଜାର୍ ଠାନେ ଭିନ୍ ଭିନ୍ ଆଂଚଲିକ୍ କେନ୍ଦ୍ରମାନ୍କେ ଇ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ରଥ କାଠ ବଛା ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ୨୦୨୫ ମସିହା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଲାଗି ଧାର୍ମିକ୍ ରୀତିନୀତିଥି କାଠ୍ ପୂଜା ଶେଷ୍ ହେଇଛେ । ନୟାଗଡ଼୍ ବନଖଣ୍ଡନୁ ୮ ଶହ ୧୪ ଖଁଡ଼୍ ଫାଶି, ଅସନ, ଧଉରା ଆର୍ ଶିମିଳି କାଠ୍ ପୁରୀକେ ଆନ୍ବାର୍ କାମ୍ ମୁଲ୍ ହେଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗୁଟେ ୫ ଝନିଆ ପ୍ରତିନିଧି ଦଲ୍ ମାହାପୁରୁଙ୍କର୍ନୁ ଆଜ୍ଞାମାଳ ନେଇକରି ନୟାଗଡ଼୍ ଠାନେ ପହଁଚିବାର୍ ଉତ୍ରୁ ଆଏଜ୍ ପାରମ୍ପାରିକ୍ ପୂଜାର୍ଚ୍ଚନା କରାଯାଇଥିଲା । ତାର୍ ଉତ୍ରୁ

ପ୍ରସିଦ୍ଧ ବଡ଼ରାଉଳ ମାଙ୍କର୍ ଠାନେ ଶ୍ରୀମନ୍ଦିର୍ ବିଧିବ୍ୟବସ୍ଥା ଅନ୍ସାରେ ଭୋଗ ଆର୍ ପୂଜା କରାଯାଇଥିଲା । ଶ୍ରୀଜୀଉଙ୍କର୍ ରଥ୍ ବନାବାର୍ ଲାଗି ୮ ଶହ ୬୫ ଖଁଡ଼୍ ଭିନ୍ ଭିନ୍ କାଠର୍ ଦର୍କାର୍ ପଡ଼୍ସି । ଗଲା ବଛର୍ ଆସିଥିବା ରଥ୍ କାଠ୍ ଭିତ୍ରୁ ୫୧ ଖଁଡ଼ କାଠ୍ ଅଗ୍ଲିଥିବାର୍ ବେଲେ ଆଏବା ବଛର୍ ରଥ ଲାଗି ଆଉ ୮ ଶହ ୧୪ ଖଁଡ଼୍ କାଠ୍ ଦର୍କାର୍ ପଡ଼୍ସି ବଲି ବରିଷ୍ଠ ରଥ ତତ୍ୱାବଧାରକ୍ ସୂଚ୍ନା ଦେଇଛନ୍ ।

ଲୋକୋ ପାଇଲଟ୍- ପୁରସ୍କୃତ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ରେଲ୍ମଣ୍ଡଲ୍ ତର୍ଫୁ ଆଏଜ୍ ଦୁଇ ଝନ୍ ଲୋକୋ ପାଇଲଟ୍ ପୁରସ୍କୃତ୍ ହେଇଛନ୍ । ସୁରକ୍ଷା, ସଚେତନତା ଆର୍ ଟ୍ରେନ୍ର ନିରାପଦ୍ କାମେ ଉତମ୍ ଅବଦାନ୍ ଆର୍ ସୁରକ୍ଷା ନିୟମ୍କେ ଠିକ୍ ଭାବେ ପାଲନ୍ କରିଥିବାର୍ ଲାଗି ଲୋକୋ ପାଇଲଟ୍ ରାମନାରାୟଣ ପତି ଆର୍ ଋଷଭ୍ ପାଣ୍ଡେଙ୍କୁ ପୁରସ୍କୃତ୍ କରାଯାଇଛେ । ସମ୍ବଲ୍ପୁର୍ ଡିଭିଜନ୍ର ବରିଷ୍ଠ ଅଧିକାରୀମାନେ ଗୁଟେ କାର୍ଯ୍ୟକ୍ରମ୍ ଜରିଏ ଇ ଦୁହି ଲୋକୋ ପାଇଲଟ୍ଙ୍କୁ ପୁରସ୍କୃତ କରିଥିଲେ ।

କୃଷି ଗଣନା ପ୍ରଶିକ୍ଷଣ ଶିବିର ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ୧୧ ନମ୍ବର୍ କୃଷି ଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଇଯାଇଛେ । ଜିଲ୍ଲା ଯୋଜନା ଆର୍ ପର୍ଯ୍ୟବେକ୍ଷଣ୍ ଉପ ନିର୍ଦ୍ଦେଶକଙ୍କର୍ ଅଧ୍ୟକ୍ଷତାଥି ଆୟୋଜିତ କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ୍ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଶିବିରଥି ଜିଲ୍ଲାଥି କୃଷକଙ୍କର୍ ଆର୍ଥିକ୍ ଥିତି, ଶିକ୍ଷାଗତ ଯୋଗ୍ୟତା, ଆଧୁନିକ୍ କୃଷି ଯନ୍ତ୍ରପାତି ବେଭାର୍, ମୃତିକା ପରୀକ୍ଷା ଆର୍ ଜୈବିକ୍ ଚାଷ୍ ବାଗିର୍ ଭିନ୍ ଭିନ୍ ବିଷେ ଉପ୍ରେ ଆଲୋଚନା କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏଜ୍ ଜିଲ୍ଲା ସଂସ୍କୃତି ଭବନ୍ ଠାନେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍ ଅନୁଷ୍ଠିତ୍ ହେଇଯାଇଛେ । ଜିଲ୍ଲାସଂସ୍କୃତି ଅଧିକାରୀଙ୍କର୍ ପରିଚାଳନାଥି ହେଇଥିବା ଇ

ଉତ୍ସବ୍‌ଥି ଭିନ୍ ଭିନ୍ ପ୍ରତିଯୋଗିତା ଆୟୋଜିତ ହେଇଥିବାର୍ ବେଲେ କୃତୀ ଯୁବ ପ୍ରତିଭା ମାନ୍‌କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲାର୍ ୬ ଟା ବ୍ଲକ୍‌ନୁ ଦେଢ଼ଶହ ନୁ ଅଏତ୍‌କା ଯୁବ ପ୍ରତିଭା ଇଥି ଭାଗ୍ ନେଇଥିଲେ । ଶ୍ରେଷ୍ଠ କୃତି ପ୍ରତିଭା ମାନେ ରାଜ୍ୟସ୍ତରୀୟ ଯୁବ ଉତ୍ସବ୍‌କେ ମନୋନିତ୍ ହେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବାକାଏଲ୍ କଲାହାଣ୍ଡି ଆର୍ ସୁନ୍ଦର୍‌ଗଡ୍‌ର ଗୁଟେ ଜୁଡ଼େ ଜାଗା ନ ଟିକେ ନୁ ବହଲିଆ କୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଆଏଜ୍ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ରାଉର୍‌କେଲା ନ ୫ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ଥିବାର୍ ବେଲେ ଝାର୍‌ସୁଗୁଡ଼ା ନ ୭ ଦଶ୍‌ମିକ୍ ୨, ସୁନ୍ଦର୍‌ଗଡ୍ ନ ୮ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।